# ରାକ୍ଷୀ



ଜୟଶ୍ରୀ ମୁଦ୍ରା

ପୋଷ୍ଟ ମ୍ୟାନ୍ ଡାକ ଦେଲା - ଆଜ୍ଞା , ରେଜିଷ୍ଟ୍ରି ଚିଠି ଆସିଛି, ସାଗର ବାବୁଙ୍କ ନାଁ ରେ ।

ସାଗର ହେଉଛନ୍ତି ସୁଧାକର ଏବଂ ସାବିତ୍ରୀଙ୍କ ଏକ ମାତ୍ର ପୁଅ ।ସାଗର ଦସ୍ତଖତ କରି ଚିଠିଟି ଆଣିଲେ । ଦିଲ୍ଲୀ ରୁ ପୁଷ୍ପା ପଠେଇଛି ।ଖୋଲି ଦେଖିଲେ ଖୁବ୍ ସୁନ୍ଦର ରାକ୍ଷୀ ଟିଏ । ରାକ୍ଷୀ ପୂର୍ଣ୍ଣମୀ ରେ ରାକ୍ଷୀ ଟି ପାଇ ସାଗରଙ୍କ ଖୁସି କହିଲେ ନ ସରେ । ଡେରି ନକରି ସଙ୍ଗେ ସଙ୍ଗେ ଖୁସି ମନରେ ରାକ୍ଷୀଟି ପିନ୍ଧିଦେଲେ ନିଜ ହାତରେ । ପୁଷ୍ପା ସାଗରଙ୍କ ଦୂର ସମ୍ପର୍କୀୟା ମାଉସୀ ଝିଅ ଭଉଣୀ । ଗୋଟିଏ ମା’ ପେଟ ରୁ ଜନ୍ମ ନହେଲେ କଣ ହେଲା,ସେ ଦୁହିଁଙ୍କ ସ୍ନେହମମତା ର ବନ୍ଧନ ଅତୁଟ ....। ପ୍ରତିବର୍ଷ ପୁଷ୍ପା ଆସି ସାଗର ଙ୍କ ହାତରେ ରାକ୍ଷୀ ବାନ୍ଧେ । ଭାଇ ଭଉଣୀ ଖୁବ୍ ମଜା କରନ୍ତି । ଏବର୍ଷ କରୋନା ପାଇଁ ସେ ଆସି ନପାରି ରାକ୍ଷୀ ପଠେଇଛି ......।

ସାଗର ରାକ୍ଷୀ ପିନ୍ଧିବା ଦେଖି ତାଙ୍କ ୯ ବର୍ଷ ର ପୁଅ ରୁଦ୍ର ଅନଲାଇନ୍ ରେ କ୍ଲାସ୍ ନକରି ତାଙ୍କ ପଛେ ପଛେ ଦଉଡ଼ି ଆସି ଜିଦ୍ଦି କରୁଛି ରାକ୍ଷୀ ପିନ୍ଧିବାକୁ । ତାର ଏକା ଜିଦି ସେ ମଧ୍ୟ ଚିଲମିକ୍ କରୁଥିବା ରାକ୍ଷୀଟି ପିନ୍ଧିବ ।ଛୋଟ ଛୁଆ। ବହୁତ୍ ଅବୁଝା ହଉଛି ।

ଠିକ୍ ଏଇ ସମୟରେ ସାଗର ଙ୍କ ସ୍ତ୍ରୀ ସୁନନ୍ଦା ଆସି ପୁଅକୁ ବୁଝେଇଲା ପରେ ବି ରୁଦ୍ର କିଛି ଶୁଣିଲାନି । ଓଲଟା ମାଆ ଆଣିଥିବା ଖାଦ୍ୟ ନଖାଇ ସେ ଫିଙ୍ଗି ଦେଲା । ଏଥିପାଇଁ ସୁନନ୍ଦା ପୁଅକୁ ଶକ୍ତ ଚାପୁଡ଼ା ଟିଏ ଦେଲେ ।ରୁଦ୍ର ଭୋ ଭୋ ହୋଇ କାନ୍ଦିବା ଦେଖି ସାଗର ଖୁବ୍ ଗାଳି କଲେ ସୁନନ୍ଦା ଙ୍କୁ ।କି ମା’ ହେଇଛ ତୁମେ ? ଆଜି ଭଳି ଖୁସି ଦିନରେ କାହିଁକି ଛୁଆକୁ ମାଡ଼ ମାରି ଘରର ବାତାବରଣ କୁ ଅଶାନ୍ତି କରୁଛ ?

ତୁମ ପରି ସ୍ତ୍ରୀ ପାଇ ନିଜକୁ ଧିକ୍କାର ଲାଗୁଛି...।



ସୁନନ୍ଦା ରାଗ ଜର ଜର ହେଇ ସାଗର ଙ୍କୁ କହିଲେ,ତୁମେ କେବଳ ମୋ ଦୋଷ କୁ ଦେଖୁଥାଅ ।ତୁମ ଦୋଷ ତ ନିଜ ଆଖିକୁ କେବେ ଦିଶେନି ନା... ଏସବୁ ଅଶାନ୍ତି ର କାରଣ ମୁଁ ନୁହଁ ତୁମେ... ଆରେ ,ତୁମକୁ ସ୍ୱାମୀ ରୂପେ ପାଇ ମୁଁ ନିଜକୁ ଧିକ୍କାର କରୁଛି ....

ସାଗର ରାଗି ଯାଇ କହିଲେ, ମୋର କୋଉଠି ଦୋଷ ରହିଲା ଯେ, ମୋ ପାଇଁ ଏତେସବୁ ଅଶାନ୍ତି ହେଉଛି ?

ମୁଁ ତୁମର କୋଉଥିରେ ଏମିତି ଅଭାବ ଅସୁବିଧା କରି ଦେଲିଯେ,ମୋ ଭଳି ସ୍ୱାମୀ ପାଇଁ ତୁମେ ତୁମ ନିଜକୁ ଧିକ୍କାର କରୁଛ ?

ସୁନନ୍ଦା ବଡ଼ ପାଟି କରି କହିଲେ , ହଁ ...ହଁ ... ତୁମପାଇଁ ମୁଁ ନିଜକୁ ଧିକ୍କାର କରୁଛି ଆଉ କରୁଥିବି ମଧ୍ୟ ... ।କହିବାକୁ ଗଲେ

ତୁମ ନିଜର ତ ଭଉଣୀ ନାହିଁ ।କୋଉ ମାଉସୀ ଝିଅ ଭଉଣୀର ରାକ୍ଷୀ ପିନ୍ଧି ଆନନ୍ଦିତ ହେଉଛ ।କେବେ ଥରେ ରୁଦ୍ର କଥା ଭାବିଛ ? ତାର ଯଦି ଭଉଣୀ ଟେ ଥାନ୍ତା ସେ ବି ଆଜି ରାକ୍ଷୀ ପିନ୍ଧି ଖୁସି ରେ ଡେଇଁ ଥାଆନ୍ତା ।

ହେଲେ ମୋର ଦୋଷ ରହିଲା କୋଉଠି ସାଗର ପଚାରିଲେ ସୁନନ୍ଦା କୁ ।

ସୁନନ୍ଦା ଉତ୍ତର ଦେଲେ - ଆହୁରି ବୁଝି ପାରୁନ ?

ମୋ ପେଟରେ ଝିଅ ରହିଛି ଜାଣିବା ପରେ ଗର୍ଭନଷ୍ଟ କରାଇଥିବା ନିର୍ଲଜ ବାପା ଆଜି କହୁଛି ଦୋଷ କଣ ?

କେତେଥର ତୁମକୁ ନେହୁରା ହେଇଛି, ପ୍ରତିରୋଧ କରିଛି ।ହେଲେ ତୁମେ କିଛି ନ ଶୁଣି ଝିଅକୁ ଜନ୍ମ ଦେବା ପୂର୍ବରୁ ମୋ ପେଟରେ ଥିବା ଝିଅ କୁ ତୁମେ ବାପାହେଇ ମାରି ଦେଇଥାଅ । ଏ ଭଳି ବାପାକୁ ତ ନର୍କ ରେ ମଧ୍ୟ ସ୍ଥାନ ମିଳିବା ଉଚିତ ନୁହଁ । ଦୁନିଆର ସବୁଠୁ ବଡ଼ ଶାସ୍ତି ତୁମକୁ ହିଁ ମିଳିବା ଦରକାର । ତୁମେ ସ୍ୱାମୀ ହେବାକୁ ଯୋଗ୍ୟ ନୁହଁ ।ସେଇଥିପାଇଁ ତ ମୁଁ ଆଜି ତୁମ କୁ ସ୍ୱାମୀ ରୂପେ ପାଇ ଧିକ୍କାର କରେ....ଏତିକି କହି କାନ୍ଦି କାନ୍ଦି ଆଣ୍ଠେଇ ପଡ଼ିଲେ ସୁନନ୍ଦା....

ସବୁକଥା ଶୁଣି ସାଗର ଲଜ୍ୟା ରେ ମୁଣ୍ଡ ତଳକୁ ପୋତି ଦେଲେ । ନିଜର ଭୁଲ୍ ବୁଝି ପାରି ସୁନନ୍ଦା ଙ୍କ ଆଖିରୁ ଲୁହ ପୋଛୁ ପୋଛୁ ନିଜ ଭିଜା ଭିଜା ଆଖି ରେ କ୍ଷମା ମାଗୁଥିଲେ ସାଗର....।

**ଉପସ୍ଥାପିକା**
**ଆକାଶବାଣୀ,ପୁରୀ**

---

## ଡଙ୍ଗର



**କେଶବ ଚନ୍ଦ୍ର ନାୟକ**

ଡଙ୍ଗର ତଳେ ଝରଣା କୂଳେ
କୁଡିଆ ଖଣ୍ଡେ କରି....
ବରଷା ମାସେ ମନ ଉଦାସେ
ରହିଛି ଦମ୍ଭ ଧରି....!!
ଘନ ବନାନୀ ସାର୍ଦ୍ଦୁଳ ଧ୍ୱନି
ଭୀତ ସଞ୍ଚାର କରଇ...
ବ୍ୟାଘ୍ର ଭଲ୍ଲୁକ ରଡେ ଉଲ୍ଲୁକ
କୁହୁକ ବନେ ରଚଇ...!!
ସରୀସୃପର ଗତି ପ୍ରଖର
କେବେ ମନ୍ଥର ହୁଅଇ...
ଦଂସନେ କଲେ ଜୀବନ ଭଲେ
ନିମିଷେ ପ୍ରାଣ ଛାଡଇ....!!
ପାହାଡ ପଥ ସବୁଜ କ୍ଷେତ
କାଟି ମୁଁ କରେ ଫସଲ...
ଆଦିବାସୀ ମୁଁ ବନବାସୀ ମୁଁ
ମା’ ମାଟି ମୋ ଜଙ୍ଗଲ....!!
କାନ୍ଧରେ ମୋର ଧନୁ ଓ ତୀର
ଟାଙ୍ଗିଆ କରେ ଶୋଭନ...
ନିର୍ଭୟ ଚଢେ ଭ୍ରମେ ଏ ପଥେ
ମତେ ଦୁର୍ବଳ ଭାବନ....!!
ବାଘ ଭଲୁକ ହେଲେ ସମ୍ମୁଖ
ଲଢେ ମୁଁ ବୀର ଦର୍ପରେ...
ମରିବା ପାଇଁ ଭୟ ମୋ ନାହିଁ
ଜୀଇଁଛି ବନାନୀ ପୃଷ୍ଠରେ...!!
ମହୁଲି ମୋର ଅତି ନିଜର
ଜଙ୍ଗଲୀ ଜୀବ ମାଉଁସ...
ପୋଡା ମାଉଁସ ଲାଗେ ସ୍ୱାଦିଷ୍ଟ
ମନକୁ କରେ ଉଲ୍ଲାସ....!!
ଖୋଲା ଆକାଶ କେଡେ ସରସ
ବନ ଝରଣା ଗାଏରେ....
ଆକାଶେ ମେଘ ଖେଳଇ ଦୋଳି
ଭିଜାଇ ଦିଏ ଦେହରେ...!!
ଧାଙ୍ଗିଡି ମେଳେ ନାଚଇ ତାଳେ
ପ୍ରେମରେ କେବେ ପଡେରେ...
ଧାଙ୍ଗିଡି ଧରି ଆସେ ମୁଁ ଫେରି
ନୂଆଁ ସଂସାର ଗଢେରେ...!!
ଡଙ୍ଗର ମୋର ଭାରି ସୁନ୍ଦର
ଏଇଠି ହସେ କାନ୍ଦେରେ.....
ଜନମ ମୋର ମରଣ ମୋର
ଏଇ ମାଟିକୁ ବନ୍ଦେରେ....!!

**ସଭାପତି**
**ଉତ୍କଳ ସାହିତ୍ୟ ସଂସଦ,**
**ମାଲକାନଗିରି**



## ଅଗଷ୍ଟ ପନ୍ଦର



**ଡ. ପ୍ରତିଭା ମହାରଥୀ**

ବରଷକ ପରେ ଆସିଅଛି ପୁଣି ଅଗଷ୍ଟ ପନ୍ଦର ଆଜି,
ନାଚିବା, ଗାଇବା, ଖେଳିବା ଆସରେ ଆନନ୍ଦ ଉଲ୍ଲାସେ ମଜ୍ଜି ।୧।
‘ଭାରତ ମାତା କୀ ଜୟ’ ଧ୍ୱନିରେ ଧରା ହୁଏ ପ୍ରକମ୍ପିତ
ଫରଫର ଉଡ଼େ ତ୍ରିରଙ୍ଗା ପତାକା ଗାଇ ବିଜୟ ସଙ୍ଗୀତ ।୨।
ପଲ୍ଲୀଠୁ ଦିଲ୍ଲୀ ଚଳଚଞ୍ଚଳ ଚଉଦିଗେ ସାଜସଜ୍ଜା
‘ବନ୍ଦେ ମାତରମ୍’ ଗୀତ ତାଳେତାଳେ
ବାଜିଉଠେ ବୀର ବାଜା ।୩।
ଛାତିକୁ ଫୁଲାଇ ଗରବରେ ଆଜି ଶିଶୁଠୁ ବୃଦ୍ଧ ଯାଏଁ
ଘର ସମ୍ମୁଖେ ପତାକା ଉଡ଼ାଇ ଜନଗଣ ମନ ଗାଏ ।୪।
ଆମେ ଭାରତୀୟ ବିଶ୍ୱେ ମହାନ୍ ଅହିଂସା ଆମର ଧର୍ମ
ସତ୍ୟ ପଥରୁ ଟଳିବୁନି କେବେ ଆଦର୍ଶ ଆମ ‘ଶ୍ରୀରାମ’ ।୫।
ଜନ୍ମଭୂମିର ସମ୍ମାନ ପାଇଁ କୋଟି ସଂଗ୍ରାମୀ ମିଳି
ବ୍ରିଟିଶ ଶାସକ ମୁହଁରେ ଦେଲେଟି ଶେଷେ ଚୂନ କାଳି ବୋଲି ।୬।
ମଥାକୁ ନୁଆଁଇ ଲାଙ୍ଗୁଡ଼ ଜାକି ଭୀରୁ ପରି ଗଲେ ଫେରି
ସେ ଦିନୁ ଧରିଛୁ ଆମ ହାତେ ଆମେ ଆମରି ଶାସନ ଡୋରି ।୭।

ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର
ମୋ : ୯୪୩୭୦୩୬୮୦୧

## ନିଆରା ଏ ବର୍ଷା



**ସୁଚରିତା ପ୍ରତିହାରୀ**

ଏ ବର୍ଷର ବର୍ଷା
ଆଃ ଏକ ନିଆରା ବର୍ଷା ।
ଲିଭି ଲିଭି ଆସୁଥିବା କିଛି ନିତ୍ୟ ସତେଜ
ଅନୁଭବର ପୁନଃ ଜାଗରଣର ବର୍ଷା ।
ଭିଜା ମାଟିର ମତୁଆଲା ଗନ୍ଧର ବର୍ଷା
କେଁ କଟର କେଁ କଟର ବେଙ୍ଗ ରଡିର ବର୍ଷା ।
ସାରା ରାତି ଝିଁଙ୍କାରିର ଝିଁ ଝିଁ ଶବ୍ଦରେ
ତରଙ୍ଗାୟିତ ବାତାବରଣର ବର୍ଷା ।
ଟିପ୍ ଟିପ୍ ବର୍ଷାର ପାଣିରେ
ଥୁର୍ ଥୁର୍ ଥରିଉଠୁଥିବା
କୁନି କୁନି ଚଢ଼େଇଙ୍କ ଭିଜା ଶରୀରର ବର୍ଷା ।
ଝପ୍ ଝପ୍ ବର୍ଷାରେ ସ୍ଥିର ନିଶ୍ଚଳ ଥିବା
ମାଳ ମାଳ ତାଳ ଗଛର ଅପୂର୍ବ ଦୋହଲର ବର୍ଷା ।
ଧାଡ଼ି ଧାଡ଼ି ଲମ୍ବା ଧାଡ଼ିରେ ସବୁଜ ଘାସର
ଶାଢ଼ୀରେ ନାଲି ଧଡ଼ି ଟାଣୁଥିବା
ସାଧବାଣୀ ବୋହୂର ବର୍ଷା ।
ବିସ୍ତୃତ ନୀଳ ଆକାଶରେ ଖଣ୍ଡ ଖଣ୍ଡ
ଭସା ବାଦଲରେ ଉଙ୍କି ମାରୁଥିବା
ଛବି ପରେ ଛବିର ଏକ ବର୍ଷା ।।
ସାରୁ ଗଛ ମୂଳେ କୁନି ବେଙ୍ଗ ସହ ବିସ୍ମୃତ
ହେଇଯାଇଥିବା ୨ୟ ଶ୍ରେଣୀ
ବହିପୃଷ୍ଠାର ଜୀବନ୍ତ କାହାଣୀ ଏ ବର୍ଷା ।
ଛୋଟ ଛୋଟ ଚୂଆ, ପାଟ, ପୋଖରୀରେ
ପେଟ ଭର୍ତ୍ତି ଜଳରେ
ଭାସି ବୁଲୁଥିବା ପଦ୍ମ, କଇଁ, ବେଙ୍ଗଫୁଲାର ଏ ବର୍ଷା ।
ଅପାଶୋରା ଅଲିଅଳ ଅନେକାଦି
ସ୍ମୃତି ବିସ୍ମୃତିର ମହକ ଏ ବର୍ଷା ।
ସତେ ଇଚ୍ଛା ହେଉଛି ଏ ବର୍ଷା
ଏମିତି ବର୍ଷୁଥାନ୍ତା କି ।।

**ଶିକ୍ଷୟତ୍ରୀ, ଭୋଳାନାଥ ବିଦ୍ୟାପୀଠ, ପୁରୀ**

## ଆଗାମୀ ଅତିଥିଙ୍କ ପାଇଁ



**ଉମାଶଙ୍କର ପ୍ରସାଦ**

ସ୍ୱାଧୀନତା ଲଭିବାରେ ଦେଶକୁ ବିତିଛି
୭୫ ବରଷ
ସର୍ବଗ୍ରାସୀ ସମାଜରେ ପୁଞ୍ଜିବାଦୀ
ଶାସକର ଲାଲ,ଲାଲ ଆଖି ଭୟ
ସୃଷ୍ଟିକରେ ସାଧାରଣ ମାନବରେ !
-୧-
ଗାନ୍ଧୀଙ୍କ କଳ୍ପିତ ରାମରାଜ୍ୟ ଆଜି
ଲୁଚିଯାଏ ସ୍ୱେଚ୍ଛାଚାରୀ ଶାସନ ତନ୍ତ୍ରରେ,
ମାନବିକ ଅଧିକାର ଯେତେରହିଯାଏ
ଗୋପନରେ ସମ୍ବିଧାନ ଫାଇଲ ଭିତରେ
କ୍ଷମତାର ଦ୍ୱନ୍ଦ ପୁଣି ଦଳ ବଦଳରେ।
-୨-
ଏ ଦେଶର ଅର୍ଥନୀତି ଭାଙ୍ଗିପଡେ
କଳାବଜାରୀରେ ଉନ୍ନତିଟା ଅଟକିଯାଏ
ଯୋଜନାର ନାଲିଫିତା ତଳେ ବେକାରୀ
ସମସ୍ୟା ଆଉ ବଢି ମରୁଡିରେ ଚିରଦିନ
ରହୁଆମେ ନିଅଂଟିଆ ବଜେଟ ଭିତରେ।
-୩-
ହେ ମୋର ଆଗାମୀ ଦିନର ଅତିଥି ତୁମ
ସ୍ୱାଗତ ପାଇଁ ଆମ ହାତେ କିଛି ନାହିଁ
କେମିତିବା ଆବାହନ କରିବୁ ତୁମର
ସାଜ ତୁମେ ନିଜ ରକ୍ଷାର ରକ୍ଷା କବଚ
ରକ୍ଷାକର ଗଣତନ୍ତ୍ର ଓ ମା ମାଟିର
-୪-

**ଖୋର୍ଦ୍ଧା**
**ମୋ: ୬୩୭୦୬୭୫୫୬୨**

## ଅଗଷ୍ଟ ପନ୍ଦର



**ପ୍ରମୋଦା ଦେବୀ**

ତୁମେ ବିଜୟର ହେ ପୁଣ୍ୟ ଦିବସ
ଲେଖି ଅଂହିସାର ନୂଆ ଇତିହାସ
ଯୁଗ ଯୁଗ ପାଇଁ ରଖିଗଲ ଯଶ
ଦେଇ ସ୍ୱାଧୀନତା ନୂତନ ପରଶ
ଖୋଲି ଜନ୍ମଭୂମି ହସ୍ତ ପଦୁ ବେଡ଼ି
ଭାରତୀୟ ମୁଖେ ଫୁଟାଇଲ ହସ।

ଦେଶ ଗୌରବ ଗର୍ବ ସ୍ୱାଭିମାନ
ଉଡ଼ାଇ ତିରଙ୍ଗା ଜାତୀୟ କେତନ
ଗାଇ ଉଚ୍ଚକଣ୍ଠେ ଜନଗଣ ମନ
ଆନନ୍ଦ ଉଲ୍ଲାସେ କରୁଛୁ ପାଳନ
ବର୍ଷ ପରେ ବର୍ଷ ଜଣାଇ ସ୍ୱାଗତ
ହୃଦେ ସ୍ମରି ଗତ ଦୁଃଖ ଦୁର୍ଦ୍ଦିନ ।

ନାଗରିକ ହୋଇ ସ୍ୱାଧୀନ ଦେଶର
ଜନ୍ମଗତ ତେଣୁ ଅଛି ଅଧିକାର
ପାଇ ଖାଦ୍ୟ ବସବାସ ବଞ୍ଚିବାର
ମଣି ସୁରକ୍ଷିତ ଜୀବନ ଆମର।
ନିର୍ଭୟେ ସ୍ୱମତ କରିବୁ ପ୍ରକାଶ
ହେବ ସତ୍ୟ ଧର୍ମ ନ୍ୟାୟର ବିଚାର
ଦେଖୁ ଆଜି କିନ୍ତୁ ସବୁ ବିପରୀତ
ହୋଇ ଗଣତନ୍ତ୍ର ମନ୍ତ୍ରେ ଶାସିତ।

ଭୋକିଲା ପେଟକୁ ନାହିଁ ଗଣ୍ଡେ ଭାତ
ନାହିଁ ଗରିବର ମଥାରେ ଛାତ
ତଥାପି ନିର୍ଲଜ ମୁହେଁ କହୁ ହସି
ସ୍ୱାଧୀନ ଆମେରେ ସ୍ୱାଧୀନ ଭାରତ।
କାହିଁ ଗଲେ ମଧୁ, ଗୋପବନ୍ଧୁ, ଗାନ୍ଧୀ
ଖଦଡ଼ ଖୋଳରେ ତାଙ୍କ ମୁଖା ପିନ୍ଧି
ଦେଇ ପରିଚୟ ନେତା ସାମ୍ୟବାଦୀ
ଶୋଷଣ ନୀତିର ବଡ଼ ଜାଲ ଫାନ୍ଦି।

ନୋଟ୍‌ରେ କିଣି ଭୋଟ୍ ସକଳ
ମାଡ଼ି ବସିଛନ୍ତି ଶାସନର ଗାଦି
ପଡ଼ି ଛଳନାର ସେ ମାୟା ଫାନ୍ଦରେ
ନିରୀହ ଜନତା ନିରୀହ ଅନ୍ଧାରେ।
ହୋଇ ନିରୂପାୟ ତେଇଁ ସେ ନିଦରେ
ପିଇ ନିଜ ଲୁହ ତୃଷିତ ଅଧରେ
ଦେଖି ଦିବା ସ୍ୱପ୍ନ ମିଛ ମରୀଚିକା
କାହିଁ ସ୍ୱାଧୀନତା ଖୋଜଇ ଦ୍ୱନ୍ଦ୍ୱରେ ।

**ସର୍ବୋଦୟ ନଗର , ପୁରୀ**